text of the time



# ଗାନ୍ଧୀଙ୍କ ସହ କପେ କଫି



ଶୈଳେନ୍ଦ୍ର ଦ୍ୱିବେଦୀ

EVENTS

# ସମ୍ମିତା, ତ୍ରୁଟି ଏବଂ କନ୍ଧମାଳ

ଓଡିଶା ଅର୍ଥନୈତିକ ସର୍ଭେ ରିପୋର୍ଟ (୨୦୧୩-୧୪)ପ୍ରକାଶିତ ହେବାର କିଛି ଦିନ ପରେ ପ୍ରଫେସର ଅବିନାଶ ମୋ ପାଖକୁ ଫୋନ୍ କରିଥିଲା । କହିଲା, ତୁମ କନ୍ଧମାଳ ଢେର୍ ଆଗେଇ ଗଲାଣି । ଶିଳ୍ପ ସମୃଦ୍ଧ ଝାରସୁଗୁଡା ପରେ ମୁଣ୍ଡପିଛା ଆୟ ତାଲିକାରେ କନ୍ଧମାଳ ହେଉଛି ଦ୍ୱିତୀୟ ଜିଲ୍ଲା ।' ପାଠକମାନଙ୍କ ନିମନ୍ତେ ସ୍ପଷ୍ଟ କରୁଛି ଯେ ସର୍ଭେ ଆଧାରରେ ଝାରସୁଗୁଡାର ମୁଣ୍ଡପିଛା ଆୟ ଟ.୪୯,୨୧୦ ହୋଇଥିବା ବେଳେ ତା' ତଳକୁ ଅଛି କନ୍ଧମାଳ (ଟ.୪୦,୭୨୯)। ତାଲିକାର ସବାତଳେ ନବରଂଗପୁର (ଟ.୧୪,୭୦୦) । ତଥ୍ୟ ମୁତାବକ ୨୦୦୪-୦୫ରୁ ୨୦୧୩-୧୪ ମଧ୍ୟରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର (ସଂଶୋଧିତ ମୂଲ୍ୟସୂଚୀ ଆଧାରରେ) ୮.୦୯ ପ୍ରତିଶତ । ବିଶ୍ଳେଷଣରୁ ଜଣାପଡିଥିଲା ଯେ ଅଭିବୃଦ୍ଧି ନିମନ୍ତେ ସର୍ବାଧିକ ଯୋଗଦାନ ମିଳିଛି ସେବା କ୍ଷେତ୍ରରୁ, ଯାହା ରାଜ୍ୟର ମୋଟ ଘରୋଇ ଉତ୍ପାଦନର ୫୯ ପ୍ରତିଶତ । ମାଇନିଂର ଯୋଗଦାନ ୭.୩ ପ୍ରତିଶତ ଏବଂ କୃଷିର ୧୫.୫୮ ପ୍ରତିଶତ । ଗତ ଆର୍ଥିକ ବର୍ଷ ତୁଳନାରେ ୨୦୧୩-୧୪ର ଅଭିବୃଦ୍ଧି ହାର ୨.୪୯ ପ୍ରତିଶତ ଖସିଥିଲା । ଅବିନାଶ ପଚାରିଥିଲା ଯେ କନ୍ଧମାଳରେ ତ କଳକାରଖାନା, ବଡ ବେପାର ବଣିଜ, ମାଇନିଂ ନାହିଁ ଏବଂ ଚାଷ ସେମିତି କିଛି ଆଖି ଦୃଶିଆ ନୁହେଁ-ଏହା ସତ୍ତ୍ୱେ ମୁଣ୍ଡପିଛା ଆୟରେ ଅପ୍ରତ୍ୟାଶିତ ଅଭିବୃଦ୍ଧି ସମ୍ଭବ ହେଲା କେମିତି ? କନ୍ଧମାଳବାସୀଙ୍କର ଆଉ କ'ଣ କିଛି ଅଭାବ ଅସୁବିଧା ନାହିଁ ?' ସେଦିନ ଅବିନାଶକୁ ମୁଁ କିଛି କହି ନଥିଲି । ଏକଥା କହି ନଥିଲି ଯେ କନ୍ଧମାଳର ୧,୭୨,୦୨୨ ପରିବାରରୁ(୨୦୧୧ ଜନଗଣନା)୧,୫୩,୫୨୦ ପରିବାର ବି.ପି.ଏଲ୍., ଅନ୍ତୋଦୟ, ଅନ୍ନପୂର୍ଣ୍ଣା ଏବଂ ପି.ଏଲ୍.ଓ. କାର୍ଡରେ

ଚାଉଳ ପାଉଛନ୍ତି । ଅର୍ଥାତ୍, ୮୯.୨୪ ପ୍ରତିଶତ ପରିବାରକୁ କୌଣସି ନା କୌଣସି ଯୋଜନାରେ ଏଠି ଚାଉଳ ମିଳୁଛି । ବାର୍ଦ୍ଧକ୍ୟ ଭତ୍ତା/ବିଧବା ଭତ୍ତା ପାଉଥିବା ହିତାଧିକାରୀଙ୍କ ସଂଖ୍ୟା ୮୮,୯୪୪, ଭିନ୍ନକ୍ଷମ ଭତ୍ତା: ୮,୩୯୦ । ଜିଲ୍ଲାରେ କଳକାରଖାନା ଜମାରୁ ନାହିଁ । ଆଗ ଅପେକ୍ଷା ରାସ୍ତାଘାଟ ଯଦିଓ ସୁଧୁରିଛି, ତଥାପି ଏମିତି ଅଂଚଳ ଅଛି ଯେଉଁଠିକୁ ରାସ୍ତା ନାହିଁ । ଶହ ଶହ ଗାଁରେ ବିଜୁଳି ଆଲୁଅ ନାହିଁ । କିଛି ଲୋକ ଦାଦନ ଖଟିବା ପାଇଁ ଯାଉଛନ୍ତି । ରେଳଷ୍ଟେସନ୍‌ରୁ/ ବସ୍‌ରୁ କିଶୋରୀ ବାଳିକା ମାନଙ୍କୁ ମଝିରେ ମଝିରେ ପୋଲିସ୍ ଉଦ୍ଧାର କରୁଛି । ବେଆଇନ ଅନାଥାଶ୍ରମ ଆବିଷ୍କାର ହେଉଛି । ଡାକ୍ତରଖାନା ଢେର୍ ଅଛି, କିନ୍ତୁ ଜିଲ୍ଲାରେ ଅଧାରୁ ଅଧିକ ଡାକ୍ତର ବର୍ଷ ବର୍ଷ ଧରି ନାହାଁନ୍ତି । ଫୁଲବାଣୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧିକାଂଶ ବିଭାଗରେ ମାତ୍ର ଜଣେ ଅଧ୍ୟାପକ ଅଛନ୍ତି । ପଢାପଢି ପାଇଁ ଭିତ୍ତିଭୂମିର ଅଭାବ ସିନା ନାହିଁ , କିନ୍ତୁ ଗୁଣାତ୍ମକ ଶିକ୍ଷାଦାନ ଦୂରନ୍ତ ହୋଇ ରହିଛି । ଯାହା ବି ଶିକ୍ଷା ସଂଭବ ହେଉଛି ତାହା ମୁଖ୍ୟତଃ ଜିଲ୍ଲାରେ ଥିବା ୧୨୭ ଟି ଆବାସିକ ବିଦ୍ୟାଳୟ ସୌଜନ୍ୟରୁ । ହଳଦୀ ଏବଂ ପନିପରିବା ପାଇଁ କନ୍ଧମାଳ ପ୍ରସିଦ୍ଧ, କିନ୍ତୁ ହଳଦୀର ଅଭାବୀ ବିକ୍ରି ଏଡାଇ ଦେଇ ହୋଇନାହିଁ । ଜିଲ୍ଲାରେ ଗୋଟିଏ ବି ଶୀତଳ ଭଣ୍ଡାର ନାହିଁ । ଏସବୁ ବାଦ୍ ବି ମୁଣ୍ଡପିଛା ଆୟ ତାଲିକାରେ ଝାରସୁଗୁଡା ତଳକୁ ଆମ ଜିଲ୍ଲା କେମିତି ଆସିଲା, ସେକଥା ମୁଁ ନିଜେ ବୁଝି ପାରୁ ନଥିଲି । ସେଦିନ ଅବିନାଶ ପଚାରିଥିଲା, ଅଭିଯୋଗ ଶୁଣାଣିକୁ ଲୋକ ଆସୁଛନ୍ତି ?' ମୁଁ କହିଲି ହଁ' । ପ୍ରତ୍ୟେକ ସୋମବାର ଦିନ ହାରାହାରି ୬୦/୭୦ ଜଣ । ଅଧିକାଂଶ ସାମୂହିକ ସମସ୍ୟା ନେଇ ନଚେତ୍ ଭତ୍ତା/ଇନ୍ଦିରା ଆବାସ ପାଇଁ, "ରାସ୍ତା ନାହିଁ/ଗାଁରେ ବିଜୁଳି ନାହିଁ/ଡାକ୍ତର ଆସୁନାହାନ୍ତି . . . ଏମିତି" । ଜିଲ୍ଲାର ଅଭିଯୋଗ ଶୁଣାଣି ଏବଂ ଏହାର ଅନୁଶୀଳନ ପରୋକ୍ଷରେ ଜିଲ୍ଲାର ଅର୍ଥନୈତିକ ସ୍ଥିତିର ପରିକ୍ରମା ଏବଂ ଏହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଅବିନାଶ କହିଥିଲା ।

ତା.୧/୯/୨୦୧୪ । ସେଦିନ ସକାଳୁ ବର୍ଷା ଲାଗି ରହିଥିଲା । ଦିନ ୧୦ଟା ୩୦ ବେଳକୁ ଜିଲ୍ଲା ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଭିଡ କିନ୍ତୁ ବାରି ହୋଇ ପଡୁଥିଲା । ଅଭିଯୋଗ ରଖିଥିଲେ ମୋଟ ୭୬ ଜଣ । ପ୍ରାୟ ଏକ ଚତୁର୍ଥାଂଶ ନୂଆ ବି.ପି.ଏଲ୍. କାର୍ଡ ପାଇଁ ଦରଖାସ୍ତ କରିଥିଲେ । ୧୦/୧୨ ଜଣ ଇନ୍ଦିରା ଆବାସ ପାଇଁ । କିଛି ଭତ୍ତା ପାଇଁ । ଅବଶିଷ୍ଟ ଅଭିଯୋଗକାରୀ ଚିକିତ୍ସା ନିମନ୍ତେ

ସାହାଯ୍ୟ ଆଶା କରିଥିଲେ । ଶୁଣାଣିର ଶେଷ ଆଡକୁ ପହଞ୍ଚିଥିଲେ ଜଣେ ମହିଳା । ସମୟ ପାଖାପାଖି ୩ଟା । ଜିଲ୍ଲାପାଳଙ୍କ ହାତକୁ ଦରଖାସ୍ତ ବଢାଇ ଦେଇ ସେ ଠିଆ ହୋଇ ରହିଲେ । 'ମା', କ'ଣ ଚାହୁଁଛ ?' ତାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ପଚାରି ଥିଲେ । ମହିଳା କହିଲେ, 'ମୋର ଚାଉଳ ଦରକାର ।' ଆମେ ପଚାରିଥିଲୁ, 'କ'ଣ ବି.ପି.ଏଲ୍. ରେ ନାଁ ନାହିଁ ?' ସେ କହିଲେ 'ଅଛି' । 'ଚାଉଳ କ'ଣ ମିଳୁନି ?' ଆମେ ପୁଣି ପଚାରିଥିଲୁ । ସେ ଉତ୍ତର ଦେଲେ 'ମିଳୁଛି । ୨୫ କେ.ଜି.' । ପଚାରିଲୁ, 'ତେବେ ଅସୁବିଧା କେଉଁଠି ? ରହିବା ପାଇଁ ଘର ଅଛି ନା ନାହିଁ ?' ଅଭିଯୋଗକାରିଣୀ କହିଲେ, 'ଇନ୍ଦିରା ଆବାସ ଘର ଅଛି ।' ଜିଲ୍ଲାର ସବୁ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ । ସାଙ୍ଗେ ସାଙ୍ଗେ ଆମେ କିଛି ବୁଝି ପାରୁ ନଥିଲୁ । ପଚାରିଲୁ, 'କ'ଣ ସହାୟତା ଚାହୁଁଛ ?' ଆଉ କିଛି ନକହି ହଠାତ୍ ଅଭିଯୋଗକାରିଣୀ କାନ୍ଦି ପକାଇଲେ । ତା'ପରେ କହିଲେ, ତାଙ୍କୁ ମିଶାଇ ପରିବାରରେ ୭ ଜଣ । ବଖରାଏ ରହିବା ଘର । ଦଲିଲ୍ କରି ଯୋଉଠି ସେ ଇନ୍ଦିରା ଆବାସ ଘର କରିଛନ୍ତି, ସେ ଘର ବନ୍ଦୋବସ୍ତ ରେକର୍ଡରେ ପୁଣି ବାୟା ନାଁରେ ରେକର୍ଡ ହୋଇଛି । ମଝିରେ ମଝିରେ ଆଉ କିଛି ଟଙ୍କା ଦେବାକୁ ସେ ଧମକାଉଛି । ସ୍ୱାମୀ ଏବଂ ୩ଟି ସନ୍ତାନ ଭିନ୍ନକ୍ଷମ । ୨ ବଡ ଝିଅ କସ୍ତୁରବା ବାଳିକା ବିଦ୍ୟାଳୟରେ ପଢୁଛନ୍ତି । ଉଭୟ ଭିନ୍ନକ୍ଷମ । ପୁଅ ଯୋଗେନ୍ଦ୍ର ଓ ରୁବେନ୍ ତାଙ୍କ ଗାଁ ପ୍ରାଇମେରୀ ସ୍କୁଲରେ ପଢନ୍ତି । ଯୋଗେନ୍ଦ୍ର ମଧ୍ୟ ଭିନ୍ନକ୍ଷମ । ୪ ବର୍ଷର ସବା ସାନ ପୁଅ ଆଦମ୍ ଅଙ୍ଗନବାଡିରେ ପଢେ । ସ୍ୱାମୀ ଓ ତିନି ପିଲାଙ୍କ ପେନ୍‌ସନ୍ ପଇସାରୁ (ଟ.୧୨୦୦)ରେ ଯାହା ଘର ଚଳେ । ୭/୮ ବର୍ଷ ଧରି ସ୍ୱାମୀ ଆଉ ଚଲାବୁଲା କରି ପାରୁ ନାହାଁନ୍ତି । ବି.ପି.ଏଲ୍. କାର୍ଡରେ ଯେତିକି ଚାଉଳ ମିଳୁଛି ସେତିକିରେ ଚଳିବା କଷ୍ଟକର । ତାଙ୍କର ଅଭିଯୋଗ ଥିଲା ଯେ, ୩/୪ ବର୍ଷ ତଳେ ତାଙ୍କର ସ୍ୱାମୀ ଏବଂ ପିଲାମାନେ ଯେତିକି ଅକ୍ଷମ ଥିଲେ ଏବେ ଅଧିକ ଅକ୍ଷମ ହୋଇ ପଡିଛନ୍ତି । ତେଣୁ ତାଙ୍କୁ ସେ ବାବଦରେ ଚାଉଳ ମିଳୁ । ଜିଲ୍ଲା (ବେସାମରିକ) ଯୋଗାଣ ଅଧିକାରୀ ଏବଂ ସମାଜ ମଂଗଳ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆ ଯିବା ପରେ ରେଡ୍‌କ୍ରସ୍ ପାଣ୍ଠିରୁ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା, ଯାହାକୁ ଖର୍ଚ୍ଚ କରି ସେ ନିର୍ଦ୍ଦିଷ୍ଟ ଦିନ ତାଙ୍କ ପରିବାରର ସମସ୍ତଙ୍କୁ ଆଣି ସଦର ଡାକ୍ତରଖାନା ଆଣି ଆସିବେ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା

କରାଇବେ । ଅଭିଯୋଗ ପ୍ରକୋଷ୍ଠରୁ ଯିବା ପର୍ଯ୍ୟନ୍ତ ମହିଳାଙ୍କ ଆଖିରୁ ଲୁହ ଶୁଖିନଥିଲା । ସେ କହୁଥିଲେ ଯେ ପରିବାରକୁ ଛାଡି ମଝିରେ ମଝିରେ ସେ କାମ କରିବାକୁ ଯାଉଛନ୍ତି, କିନ୍ତୁ ତାଙ୍କ ଅନୁପସ୍ଥିତିରେ କିଏ ଛେଳି ନେଇ ଯାଉଛି ତ କିଏ କୁକୁଡା । ଆମେ ଆଶ୍ୱାସନା ଦେଇଥିଲୁ ଯେ ଡାକ୍ତରୀ ପରୀକ୍ଷାର ରିପୋର୍ଟ ଅନୁଯାୟୀ ତାଙ୍କ ପରିବାରକୁ ଭିନ୍ନକ୍ଷମ କାର୍ଡରେ ଚାଉଳ ଦେବା ସମ୍ଭବ ହେବ ।


ତା.୫/୦୯/୨୦୧୪ । ଅପରାହ୍ନରେ ଅଭିଯୋଗକାରିଣୀ (ସସ୍ମିତାଙ୍କୁ) ଦେଖା କରିବା ପାଇଁ ମୁଁ ଏବଂ ମୋର ଜଣେ ବଂଧୁ ଫୁଲବାଣୀରୁ ବାହାରିଥିଲୁ । ଖଜୁରୀପଡା ବ୍ଲକ୍‌ର ବଲସକୁମ୍ପା ଠାରୁ ୫ କି.ମି. ଦୂର ନୂଆସାହି ତାଙ୍କ ଗାଁ । ଝିପ୍ ଝିପ୍ ବର୍ଷା ହେଉଥିଲା । ସସ୍ମିତା, ତାଙ୍କ ସ୍ୱାମୀ ବଶିଷ୍ଠ ଏବଂ ପିଲାମାନେ ଘରେ ଥିଲେ । ଇନ୍ଦିରା ଆବାସ ଘରର ଦସ୍ତା କଳଙ୍କି ଲାଗି ସାରିଥିଲା । ଛୋଟ ଛୋଟ ଯୋଡିଏ ବଖରା । ଗୋଟିକରେ ସସ୍ମିତାର ପରିବାର ଏବଂ ଅନ୍ୟଟିରେ ୨ଟି ଛେଳି ଏବଂ କେତୋଟି କୁକୁଡା । ସସ୍ମିତା ବ୍ୟସ୍ତ ହୋଇ ପଡିଲା । ଘରେ ବସିବା ପାଇଁ ଜାଗା ନଥିଲା । ଅଣ ଓସାରିଆ ବାରଣ୍ଡାରେ ପଡିଥିବା ପ୍ଲାଷ୍ଟିକ୍ ଚେୟାର୍‌ର ପଛ ନଥିଲା । ତା' ଉପରେ ଶୋଇଥିଲା ବିଲେଇଟିଏ । ବିଲେଇକୁ ଆଡେଇ ସେଇଠି ବସିଲି । ଗୋଟିଏ ପରିବାରରୁ ଏତେ ଅଧିକ ଲୋକ (ଛୋଟ ପିଲାଙ୍କ ସହିତ) କେମିତି ଭିନ୍ନକ୍ଷମ ହେଲେ ଏବଂ ପରୀକ୍ଷା ପରେ ଡାକ୍ତର କ'ଣ କହିଲେ ସେକଥା ଜାଣିବା ପାଇଁ ଆସିଥିଲି । ତେଣୁ ସସ୍ମିତା ଡାକ୍ତରଖାନାକୁ ଯାଇଥିଲା କି ନାହିଁ ଆଗ ପଚାରିଥିଲି । ସେ କହିଲା, ଆଜ୍ଞା, ଟଙ୍କା ମୋର ଟେମ୍ପୁ ବାଲା ଯାହା ନେଲା । କାଲି ମୋ ବର ଆଉ ପିଲାଙ୍କୁ ଧରି ଫୁଲବାଣୀ ଯାଇଥିଲି । ଡାକ୍ତରଖାନାରେ ସ୍ଲିପ୍ ଦେଖେଇଲି । ଯାହା ପାଖକୁ ଗଲି ହୁଡା ଖାଇଲି । ଜଣେ କହିଲେ, ଏଠିକି କାହିଁକି ଆସିଲୁ ? କ'ଣ ନଜାଣି ବୁଲି ପଳାଇ ଆସିଛୁ ? ବୁଲେ, ଯେତେ ବୁଲୁଛୁ ବୁଲେ ! ଆଉ ଜଣେ ବାବୁ କହିଲେ, ବ୍ରହ୍ମପୁର ନ ଯାଇ ତତେ ଏଠିକି କିଏ ପଠାଇଲା ? ଆଜ୍ଞା, ଟେମ୍ପୁବାଲା ୭୦୦ ଟଙ୍କା ନେଲା । ଦିନ ୨ଟା ଯାଏଁ ଡାକ୍ତରଖାନା ବାରଣ୍ଡାରେ ବୁଲି ଶେଷରେ ବର୍ଷାରେ ଓଦା ହୋଇ ଫେରିଲି । ସେଇ ପଇସାରେ ଚାଉଳ କିଣିଥିଲେ ମୋ ପିଲେ ତ ଖାଇଥା'ନ୍ତେ ! ସାନ ପୁଅକୁ କାଲିଠୁ ଜ୍ୱର ।' ଘର ଭିତରୁ ବାଡିଧରି ବହୁ କଷ୍ଟରେ ବଶିଷ୍ଠ (ସସ୍ମିତାର ବର) ବାହାରକୁ ଆସିଥିଲେ । ଲାଗୁଥିଲା, ବୟସରେ ସସ୍ମିତାଠୁ ସେ ପାଖାପାଖି ୨୫ ବର୍ଷ ବଡ ! ଅଣ୍ଟା ଏକଦମ୍ ବାଙ୍କି ଯାଇଥିଲା ।

ଆଣ୍ଠୁ ତଳକୁ ଦୁଇ ଗୋଡ ସରୁ । ମୁଁ କହିଲି, କ'ଣ ଜନ୍ମରୁ ?' ସସ୍ମିତା ମୁଣ୍ଡ ହଲାଇଲା । କହିଲା ନାଇଁ ଆଜ୍ଞା । ଏଇ ୭/୮ ବର୍ଷ ହେଲା ଏମିତି ହେଉଛି । ମତେ ବାହା ହେଲାବେଳେ ଟିକେ ଛୋଟଉ ଥିଲା, ହେଲେ ହଳ କରି ପାରୁଥିଲା ।' ମୁଁ ପଚାରିଲି ତୁମ ବାପ ଘର ?' ସସ୍ମିତା କହିଲା ଦୂର ନୁହେଁ, ୩/୪ କି.ମି.।' ପ୍ରସଙ୍ଗକ୍ରମେ ସେ କହିଲା, ମୋ ବାପ ଘର ଅବସ୍ଥା ଭଲ ନୁହେଁ । ମତେ ଯେତେବେଳେ ୭/୮ ବର୍ଷ ମା' ମରିଗଲା । ବାପା ସେଇ ଦିନଠୁଁ ପାଗଳ । ଆମେ ୪ ଭାଇ ଭଉଣୀ । ବଡ ଭାଇ ବେଡା (କହିପାରେ ନାହିଁ), ମୋ ତଳ ଭାଇ ସୁଶାନ୍ତ । ସେମିତି କିଛି କାମଦାମ କରିପାରେନା । ବାହା ହୋଇଥିଲା । ବର୍ଷକ ପରେ ବୋହୂ ଛାଡି ଚାଲିଗଲା । କହିଲା, ତୋ ବାପର ଜମି ନାହିଁ କି ତୋର କାର୍ଡ ନାହିଁ । ଏଠି ଚଳିବ କିଏ ? ତା' ତଳ ଚିତ୍ତରଂଜନ । ମାଟି କାମ କରୁଛି ।' ମୁଁ କହିଲି ବଶିଷ୍ଠ ତୁମଠୁ ଏତେ ବଡ । ବା' ଘର ଠିକ୍ କଲା କିଏ ?' ସସ୍ମିତା ଲାଜେଇ ଲାଜେଇ ହସିଲା । ତା' ସାଙ୍ଗରେ ବଶିଷ୍ଠ ବି । କହିଲା, ଆଜ୍ଞା ଯେତେବେଳେ ମୋ ମା' ଚାଲିଗଲା, ବାପା ବାୟା ହୋଇଗଲା । ଆମେ ଭାଇ ଭଉଣୀ ପେଜ ଅଇଁଠା ଖାଇ ବଂଚିଛୁ । ଗାଁ ବ୍ରାହ୍ମଣଙ୍କ ଘରେ ପାଇଟି କରୁଥିଲି । ତାଙ୍କର ହଳିଆ ଥିଲା ବଶିଷ୍ଠ । ବୟସରେ ମୋ'ଠୁ ୨୫ ବର୍ଷ ବଡ ହେବ । ଆମେ ଭାଇ ଭଉଣୀ ଯାକୁ 'ଜେଜେ ବାପା' ଡାକୁଥିଲୁ । ବିଚରା କି ପଇସା ପାଉଥିଲା, ସେଥିରୁ ଆମ ଘର ପାଇଁ ଥରେ ଥରେ ଚାଉଳ ପରିବା କିଣି ଦେଉଥିଲା । ଦିନେ ମୁଁ ଶୁଣିଲି ଯେ ଗାଁ ବାଲା ବଶିଷ୍ଠକୁ ନିସ୍ଙ୍କୁକ୍ ମାଡ ମାରିଛନ୍ତି । ସେମାନଙ୍କର ସଂଦେହ ଥିଲା ଯେ ସେ ମୋତେ ଭଲ ପାଉଥିଲା ଏବଂ ସେଇଥି ପାଇଁ ସାହାଯ୍ୟ କରୁଥିଲା । ମତେ ସେତେବେଳକୁ ୧୩/୧୪ ବର୍ଷ । ତା' ପରଦିନ ମୁଁ ବଶିଷ୍ଠକୁ ପଚାରିଲି ଯେ ତାକୁ କାହିଁକି ଗାଁ ବାଲା ବାଡେଇଲେ । ସେ ବାଁରେଇ ଦେଲା । କହିଲା, ଛୋଟ ପିଲା, ତୁ କାହିଁ ବ୍ୟସ୍ତ ହଉଛୁ ! ମତେ ଭାରି ଖରାପ ଲାଗିଲା । ବଶିଷ୍ଠ ପିଠିରେ ନୋଳା ବସି ଯାଇଥିଲା । ଭାବିଲି ବିଚରା ବିନା କାରଣରେ ମୋ ପାଇଁ ମାଡ ଖାଇଲା ! ଠିକ୍ କଲି ବଶିଷ୍ଠକୁ ହିଁ ବାହା ହେବି । କେଇ ମାସ ପରେ ମୁଁ ତା' ଘରକୁ ଚାଲି ଆସିଲି । ବାହା ଦେବା ପାଇଁ ମୋ ବାପା ଭାଇଙ୍କର ଜୋର୍ ନଥିଲା । ଆମ ବାହାଘରର ୧୫/୧୬ ବର୍ଷ ପୂରିଗଲାଣି । ବରକୁ ନେଇ ମୋର ଦୁଃଖ ନାଇଁ । ଅଥଚ ମୋ ପିଲାମାନେ ଅକ୍ଷମ ହୋଇ ଯାଉଛନ୍ତି, ଏକଥା ମୁଁ ଦେଖି ପାରୁନି । ଦି'ଦିନ ତଳେ ସବା ସାନପୁଅ କହିଲା, ମା', ମୁଁ ରୁଟି ଖାଇବି । ରୁଟି ମୁଁ କୋଉଠୁ ଆଣିବି ଆଜ୍ଞା !'

ବର୍ଷା ଜୋର୍‌ରେ ପକେଇବା ଆରମ୍ଭ ହୋଇ ଯାଇଥିଲା । ସସ୍ମିତାର ସବା ସାନପୁଅକୁ ଜ୍ୱର ହୋଇଥିଲା । ମୁଁ କହିଲି ଡାକ୍ତରଖାନା ଯିବା । ତାପରେ ଆଣି ଛାଡିଦେବି ।' ସସ୍ମିତା ରାଜି ହେଲା । କହିଲା, ଆଉ ଚାଉଳ ମିଳିବନି ? ପିଲାଙ୍କୁ ଖାଇବାକୁ ଦେବି କେମିତି ?' ମୁଁ କହିଲି, ନିଶ୍ଚୟ ମିଳିବ ।' (ପ୍ରାଥମିକ ଅନୁଧ୍ୟାନ ପରେ ଡାକ୍ତରଙ୍କ ମତ ଥିଲା ଯେ ସସ୍ମିତା ପିଲାମାନଙ୍କ ସମସ୍ୟା ବଂଶଗତ । ପ୍ରବନ୍ଧ ଲେଖା ହେବା ବେଳକୁ ଜିଲ୍ଲା ମେଡିକାଲ୍ ବୋର୍ଡର ମାସିକ ବୈଠକ ବସି ନଥିଲା ।)

(ସମ୍ବାଦ: ୨୫/୯/୨୦୧୪)

❑



ଗାନ୍ଧୀଙ୍କ ସହ କପେ କଫି

Events Publications.
4555 VSS Nagar,
Bhubaneswar- 751007

Non Fiction
Cover: Prakash Mohapatra

ISBN 978-908070-1-2
978-81-908070-1-2